BAGEESHA
ବାଗୀଶ
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଜାତୀୟ ଜୀବନରେ ଜଗନ୍ନାଥ ଚେତନାର ଅବାଧ ପ୍ରବେଶୀକରଣର ବିଭିନ୍ନ ଦିଗ: ସଦୃଷ୍ଟାନ୍ତ ବିମର୍ଶ

**ପ୍ରୀତମ୍ ରାଉତ**
ଗବେଷକ, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,ବାଣୀବିହାର, ଭୁବନେଶ୍ୱର

RECEIVED : 26 APR 2025
ACCEPTED : 25 JUN 2025
REVISED : 30 JUN 2025
PUBLISHED: 10 JUL 2025
ARTICLE QR CODE

DOI: 10.70541/BAGEESHA/2025030302

Article No. BM2025/03-A002
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

BM2025/03-A002

ABSTRACT

## ସାରାଂଶ

ଓଡ଼ିଆ ଜାତିର ମଉଡ଼ମଣି କୋଟିକୈବଲ୍ୟନାଥ ଜଗନ୍ନାଥ କେଉଁ ପ୍ରାଗ୍‌ଐତିହାସିକ ସମୟରୁ ଓଡିଶାର ଜନଜୀବନ ସହିତ ନିରବଚ୍ଛିନ୍ନ ଭାବରେ ସଂପୃକ୍ତ ତାହାର ମୂଳକୁ ଯାଇ ସେ ସବୁକୁ ପରଖିବା ବର୍ତ୍ତମାନ ସମୟପକ୍ଷେ ଏକ ଦୂରୁହ କଥା ହୋଇପଡିଛି। ସମୟର ଅସରନ୍ତି ପ୍ରବାହରେ କେତେ ଯେ ଧର୍ମ ଧାରଣା ସୃଷ୍ଟି ହୋଇ ଜଗନ୍ନାଥରୂପୀ ମହାକାଳରେ ଲୀନ ହୋଇପଡିଛନ୍ତି, ତାହାର କଳନା ନାହିଁ। ଓଡ଼ିଶାର ଜାତୀୟ-ଜୀବନ ଓ ଲୋକ-ଜୀବନରେ ଜଗନ୍ନାଥଙ୍କ ସ୍ଥାନ କେଉଁଠି? ଏହି ଅନୁସନ୍ଧିତ୍ସା ଭାବକୁ ନେଇ ନିମ୍ନୋକ୍ତ ଆଲେଖ୍ୟ ପରିପୁଷ୍ଟଲାଭ କରିଛି। ଆଲୋଚନାର ପ୍ରସଙ୍ଗ ଅନୁଯାୟୀ ସ୍ଥାନେ ସ୍ଥାନେ ବିବିଧ ଗ୍ରନ୍ଥରୁ ଦୃଷ୍ଟାନ୍ତମାନ ସଂଯୋଜିତ କରିବା ପୂର୍ବକ ଅଲୋଚନାକୁ ବଳିଷ୍ଠ କରିବାର ପ୍ରୟାସ ମଧ୍ୟ କରାଯାଇଅଛି।

**ମୂଳଶବ୍ଦ**: ଜାତୀୟ ଜୀବନ, ପୁରୁଷୋତ୍ତମ, ମାଧବ ଉପାସନା, ମହାଭାରତୀକରଣ, ଅଦ୍ୱୈତବାଦ, ଦ୍ୱୈତବାଦ, ବିଶିଷ୍ଟାଦ୍ୱୈତବାଦ, ବିଶୁଦ୍ଧ-ଦ୍ୱୈତବାଦ, ଦ୍ୱୈତାଦ୍ୱୈତବାଦ, ଅଚିନ୍ତ୍ୟ-ଭେଦାଭେଦବାଦ, ଲୀଳାକ୍ଷେତ୍ର

**ଉପକ୍ରମ:** ପୁଣ୍ୟଭୂମି ଓଡ଼ିଶା ନିଜର ଅଭିନବ ଧର୍ମ-ଧାରଣା ପାଇଁ ପୃଥିବୀ ବିଖ୍ୟାତ। ସମୟର ନିରବଚ୍ଛିନ୍ନ ପ୍ରବାହରେ ସୃଷ୍ଟ ଯେତେକ ଧର୍ମୀୟ ଭାବଧାରା ସେ ସବୁକୁ ବିନା ଦ୍ୱିଧାରେ ଏ ଭୂଭାଗ ଗ୍ରହଣ କରିବା ସହ ପୃଷ୍ଟପୋଷକତାର ଭାର ମଧ୍ୟ ନିଜ ଉପରକୁ ନେଇଛି। ଜଗନ୍ନାଥ ଏ ଜାତିର ଇଷ୍ଟ ତଥା ପ୍ରତିଭୂ। ତାଙ୍କୁ କେନ୍ଦ୍ରକରି ଏ ଜାତିର ଜୀବନୀଗାଥା କୀର୍ତିତ। ଯିଏ ଯେପରି ଭାବରେ ତାଙ୍କୁ ଦେଖିଛି, ସିଏ ସେପରି ରୂପରେ ଦେଖା ଦେଇଛନ୍ତି। ଜଗନ୍ନାଥଙ୍କ ମାନରକ୍ଷା ପାଇଁ ଏ ଜାତି ଯୁଦ୍ଧ କରିଛି, ଯେତେବେଳେ ନିଜକୁ ଅନନ୍ୟୋପାୟ ମଣିଛି ତା' ଠାକୁରଙ୍କୁ ନେଇ ଚିଲିକା ଗର୍ଭସ୍ଥ ଅଜ୍ଞାତ ଟାପୁରେ ଲୁଚାଇ ରଖିଛି। ଚକାଆଖିର ଉଦ୍ଭାସିତ ଜ୍ୟୋତିର୍ପୁଞ୍ଜିକୁ ଚାହିଁ ସେ କେବଳ ଭାବ-ବିହ୍ୱଳ ହୋଇନି ବରଂ କି ଜାତି, କି ଧର୍ମ, କି ବର୍ଣ୍ଣ ସେ ସବୁକୁ ଭୁଲି ଜଗନ୍ନାଥ-ଚେତନାରେ ଏକାକାର ହୋଇଉଠିଛି। ଯେ କେହି ଧର୍ମ ପ୍ରବର୍ତକ ଆତ୍ମାଭିମାନରେ ନିଜ ଇଷ୍ଟର ବଡ଼ିମାକୁ ଏ କ୍ଷେତ୍ରରେ ନିର୍ଜିତ କରିବାକୁ ଚେଷ୍ଟା କରିଛି, ସେ ଜଗନ୍ନାଥରୂପୀ ଅଗାଧ ସମୁଦ୍ର ମଧ୍ୟରେ ନଦୀବତ୍ ବିଲୀନ ହୋଇଛି। ସେ ଶବରର ଦାରୁ ଦେବତା , ଜୈନଙ୍କ କୋଟି କବଲ୍ୟଦାତା ( ଜୈନ ଧର୍ମର ଶରୀର ସାଧନାରେ 'ଜୀବ'କୁ 'ଅଜୀବ'ରୁ ଅଲଗା କରି କେବଳ 'ଜୀବ' ହେବାକୁ ହୁଏ। 'ଏଇ କେବଳ ଜୀବ ହେଉଛି', 'କେବଳୀ'। ଏଇ 'କେବଳୀ'ର ଅବସ୍ଥା ହେଉଛି 'କୈବଲ୍ୟ'। ଏଇ କୈବଲ୍ୟ ପ୍ରାପ୍ତି ହେଲେ ଜୀବ ହୁଏ ସିଦ୍ଧ। ଏଇ ସିଦ୍ଧାବସ୍ଥା ବା ସିଦ୍ଧି ହେଉଛି ନିର୍ବାଣ ବା ମୁକ୍ତି: ଓଡ଼ିଆ ସାହିତ୍ୟର କ୍ରମପରିଣାମ; ନୀଳକଣ୍ଠ ଦାସ, ପୃଷ୍ଠା ସଂଖ୍ୟା:୪୨୬ ), ବୌଦ୍ଧଙ୍କ ସର୍ବଜୀନବରାର୍ଚିତ ତିବିକ୍ରମରୂପୀ ଅନ୍ତରୀକ୍ଷ ପରିବ୍ୟାପୀ ଜଗତ୍‌ନାଥ, ବୈଷ୍ଣବଙ୍କ ଅନନ୍ତ ଶଯ୍ୟାଶାୟୀ ଗୋଲୋକ-ଲୋକର ଅବତାରୀ ଲକ୍ଷ୍ମୀପତି ମହାବିଷ୍ଣୁ ଅଥବା କଳାକୁ ଷୋଳକଳାରେ ପରିଣତ କରି ବୃନ୍ଦାବନରେ ମାଧୁର୍ଯ୍ୟ-ଲୀଳା ଭିଆଇ ଥିବା ରାସରାସେଶ୍ୱର ଗୋପୀନାଥ ଓ ଦ୍ୱାରକାର ଐଶ୍ୱର୍ଯ୍ୟ-ଲୀଳାଧିକାରୀ ଯୋଗେଶ୍ୱର କୃଷ୍ଣ। ଶାକ୍ତଙ୍କ ମତରେ ସେ ସାକ୍ଷାତ ଦକ୍ଷିଣ କାଳିକା। ଗାଣପତ୍ୟଙ୍କ ମନ ରଖିବାପାଇଁ ସେ ପ୍ରତିବର୍ଷ ମହାସ୍ନାନ ସାରି ଗଜାନନ ବେଶରେ ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି। ଶୈବମାନଙ୍କର ସେ ଏକପାଦ ଭୈରବ। ବେଦାନ୍ତୀଙ୍କର ପରମବ୍ରହ୍ମ ସନାତନ

ନିର୍ଗୁଣ ତତ୍ତ୍ୱ। ( *ଯଂ ଶୈବାଃ ସମୁପାସ୍ୟତେ ଶିବ ଇତି ବ୍ରହ୍ମେନେତି ବେଦାନ୍ତିନୋ ।/ ବୋଦ୍ଧାଃ ବୁଦ୍ଧ ଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ ।।/ ଅର୍ହନ୍ନିତ୍ୟଥ ଜୈନଶାସନରତାଃ କର୍ମେତି ମୀମାଂସକାଃ ।/ ସୋୟଂନୋ ବିଦଧାତୁ ବାଂଛିତ ଫଳଂ ତ୍ରୈଲୋକନାଥୋ ହରିଃ ।।* )

.................................................................................

**ବିଷୟର ଆଲୋଚନା:** ଜଗନ୍ନାଥ ଧର୍ମ ଓ ଚେତନାର ଜନ୍ମ-ପର୍ଯ୍ୟାୟକୁ ଇତିହାସର ଗୋପ୍ୟ ଅତଳଗର୍ଭରୁ ଆବିଷ୍କାର କରିବାର 'ଅଣଚାଶ-ଚେଷ୍ଟା ' କରାଯାଇ ଥିଲେ ହେଁ, ଏକ ନିର୍ଭରଯୋଗ୍ୟ ସର୍ବମାନ୍ୟ ବିଶେଷକରି ସତ୍ୟାଶ୍ରିତ ନିଷ୍କର୍ଷରେ ପହଞ୍ଚିବା ଅଦ୍ୟାବଧି ମଧ୍ୟ ଏକ ଦୂରୁହ ବ୍ୟାପାର ହୋଇ ରହିଛି। ମାନବ ସଭ୍ୟତାର କେଉଁ ଅନନ୍ତକାଳରୁ ଏ ଧର୍ମ ଓ ଚେତନା; ନିଜ ଅଖଣ୍ଡ ଆଧିପତ୍ୟରେ ପ୍ରତିଟି ପ୍ରାଣକୁ ଝଙ୍କୃତ ଓ ପୁଲକିତ କରି ଆସିଅଛି, ସେ କଥା କଳ୍ପନାର ବାହାରେ। ବୈଦିକ ସଭ୍ୟତା କାଳୀନ ସମୁଦ୍ରକୂଳସ୍ଥ ଅପୁରୁଷ-ବ୍ରହ୍ମ-ଦାରୁ ଉପାସନା (*ଅଦୌ ଯଦ୍ଦାରୁ ପ୍ଲବତେ ସିନ୍ଧୋଃପାରେ ଅପୁରୁଷମ୍। ତଦାରଭସ୍ୟ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍ ।। ଋଗ୍‌ବେଦ, ୧୦ମ ମଣ୍ଡଳ, ୧୫୫ ସୁକ୍ତ, ୩ୟ ମନ୍ତ୍ର*) ବୃତ୍ତାନ୍ତକୁ ଜଗନ୍ନାଥଙ୍କଠାରେ ଆରୋପୀକରଣ କଥା ହେଉ, ଅଥବା ଶ୍ରୀମଦ୍‌ଭଗବତ୍ ଗୀତାରେ ଶ୍ରୀକୃଷ୍ଣଙ୍କ ମୁଖାରବିନ୍ଦରୁ ନିଃସୃତ ଆତ୍ମସ୍ୱୀକୃତି – "*କ୍ଷରାକ୍ଷର ଏହି ଦୁଇ ପ୍ରକାର ପୁରୁଷ/ ତହୁଁ ଶ୍ରେଷ୍ଠ ହୋଇ ଆମ୍ଭେ ହୋଇଛୁ ପ୍ରକାଶ/ ଏଥକୁ କରନ୍ତି ବେଦେ (ଏବଂ ସଂସାରରେ) ଆମ୍ଭଙ୍କୁ କୀର୍ତ୍ତନ/ ଅବ୍ୟୟ ପୁରୁଷୋତ୍ତମ ଆହେ ଫାଲଗୁନ" (ଫକୀରମୋହନ ସେନାପତି କୃତ ଗୀତାନୁବାଦ) ମୂଳ- ଯସ୍ମାତ୍‌କ୍ଷରମତୀତୋଽହମ୍‌କ୍ଷରାଦପି ଚୋତ୍ତମଃ ।/ ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।। (ଶ୍ରୀମଦ୍‌ଭଗବତ୍ ଗୀତା, ୧୫ତମ ଅଧ୍ୟାୟ, ୧୮ତମ ଶ୍ଳୋକ)*

ଗୀତାରେ ଶ୍ରୀକୃଷ୍ଣଙ୍କ ଏହି ଆତ୍ମସ୍ୱୀକୃତି ତାଙ୍କୁ ପୁରୁଷୋତ୍ତମ ରୂପରେ ପୌରୁଷର ଶ୍ରେଷ୍ଠତମ ସୋପାନରେ ସଂସ୍ଥାପିତ କରିଛି। ଯଦି ଗୀତାର ପୁରୁଷୋତ୍ତମଙ୍କୁ ଜଗନ୍ନାଥଙ୍କ ସହ ସଂପୃକ୍ତ କରାଯାଏ ତାହେଲେ କୃଷ୍ଣଙ୍କୁ ଜଗନ୍ନାଥୀକରଣର ଅଭିନବ ପ୍ରଚେଷ୍ଟା ବହୁ ପୂର୍ବକାଳରୁ ଅର୍ଥାତ୍ ଗୀତା ରଚନାର ସମୟରୁ ହିଁ ଆରମ୍ଭ ହୋଇଛି ବୋଲି ଧରିନେବାକୁ ହେବ। କୃଷ୍ଣଙ୍କୁ ଜଗନ୍ନାଥୀ କରଣର ଏଇ ପ୍ରଚେଷ୍ଟା ଯେ କେବଳ ଗୀତାରେ ହୋଇଛି ସେ କଥା ନୁହେଁ ଅପିତୁ ସ୍କନ୍ଦ ପୁରାଣ, କପିଳ ସଂହିତା, ଦାରୁବ୍ରହ୍ମ ଗୀତା, କ୍ଷେତ୍ର ମାହାତ୍ମ୍ୟ, ସାରୋଳା ମହାଭାରତ ଆଦିରେ ଏ ସବୁର ପ୍ରାବଲ୍ୟତା ମଧ୍ୟ ଲକ୍ଷ୍ୟ କରିବାର କଥା। ଏସବୁ ସତ୍ତ୍ୱେ ଉତ୍କଳୀୟ ଜ୍ଞାନମାର୍ଗୀ ବୈଷ୍ଣବମାନେ କୃଷ୍ଣଙ୍କ ପରିବର୍ତ୍ତେ ଜଗନ୍ନାଥଙ୍କୁ ହିଁ ସେମାନଙ୍କର ଇଷ୍ଟ ରୂପେ ଆରାଧନା କରୁଥିଲେ। ଚୈତନ୍ୟଙ୍କ ଆଗମନରେ ଭକ୍ତି ଧର୍ମର ଯେଉଁ ମହାପ୍ଲାବନ ଉତ୍କଳୀୟ ଚେତନା ମଧ୍ୟରେ ପରିବ୍ୟାପ୍ତ ହେବାକୁ ଲାଗିଲା ତହିଁରୁ ଉତ୍କଳୀୟ ଓ ଗୌଡୀୟ ବୈଷ୍ଣବଙ୍କ ମଧ୍ୟରେ ଜଗନ୍ନାଥ – କୃଷ୍ଣଙ୍କୁ ନେଇ ଉପୁଜି ଥିବା ବାଦ-ବିସମ୍ବାଦ କେତେକାଂଶରେ ପ୍ରଶମିତ ହେଲା। ଯେଉଁ କୃଷ୍ଣ ଉତ୍କଳୀୟ ବୈଷ୍ଣବ ଉପାସନାରେ ଅବତାରୀ -ଜଗନ୍ନାଥଙ୍କର ଏକ ଅବତାର ରୂପେ ପ୍ରତିଭାତ ହେଉଥିଲେ, ସେହି କୃଷ୍ଣ ଚୈତନ୍ୟଙ୍କ "ଅଚିନ୍ତ୍ୟ-ଭେଦାଭେଦ"(ଭାରତୀୟ ଦର୍ଶନ ମୁଖ୍ୟତଃ ଦୁଇ ଶ୍ରେଣୀୟ: ଆସ୍ତିକ-ଦର୍ଶନ; ଯାହା ବେଦକୁ ମାନ୍ୟତା ଦେଇଥାଏ ଯଥା – ମୀମାଂସା, ନ୍ୟାୟ, ବୈଶେଷିକ, ସାଂଖ୍ୟ, ଯୋଗ, ବେଦାନ୍ତ ଏବଂ ଅପରଟି ନାସ୍ତିକ-ଦର୍ଶନ; ଯାହା ବେଦକୁ ଗ୍ରହଣ କରେନାହିଁ ଯଥା – ବୌଦ୍ଧ, ଜୈନ, ଚାର୍ବାକ୍, ଆଜିବକ ଇତ୍ୟାଦି। ଏହି ଆସ୍ତିକ ଦର୍ଶନରେ ମଧ୍ୟ ଅନେକ ଶାଖା-ଉପଶାଖା ତଥା ମତବାଦ ରହିଅଛି। ବିଶେଷତଃ ବେଦାନ୍ତ-ଦର୍ଶନରେ ଛଅଟି ଭିନ୍ନ ମତବାଦ ରହିଅଛି ତାହା – ଅଦ୍ୱୈତବାଦ, ଦ୍ୱୈତବାଦ, ବିଶିଷ୍ଟାଦ୍ୱୈତବାଦ, ବିଶୁଦ୍ଧ-ଦ୍ୱୈତବାଦ, ଦ୍ୱୈତାଦ୍ୱୈତବାଦ, ଅଚିନ୍ତ୍ୟ-ଭେଦାଭେଦବାଦ। ଅଚିନ୍ତ୍ୟ-ଭେଦାଭେଦର ଅର୍ଥ ହେଉଛି ଜୀବ ଜଗତ ସହ ବ୍ରହ୍ମଙ୍କ ସମ୍ପର୍କ ଅଚ୍ଛେଦ୍ୟ – ଭେଦ) ସରଣୀରେ ସାକ୍ଷାତ ଜଗନ୍ନାଥ ରୂପେ ପ୍ରତିଷ୍ଠିତ ହେଲେ। ଯଦିଓ ଏଥି ପୂର୍ବରୁ ଜଗନ୍ନାଥ କୃଷ୍ଣ ହୋଇ ସାରିଛନ୍ତି। ବଳଭଦ୍ର ଓ ସୁଭଦ୍ରାଙ୍କୁ ଘେନି ନୀଳକନ୍ଦରରେ ବିଜେ କରି ଜଗଜ୍ଜୀବନ କେତେ ଯେ ଲୀଳା ବିହାଣ କରିଛନ୍ତି ତାହାର କଳନା ନାହିଁ ।

ଜଗନ୍ନାଥ ଏବଂ କୃଷ୍ଣଙ୍କ ମଧ୍ୟରେ ଅଭେଦତ୍ୱ ପରିକଳ୍ପନା କେବଳ ଯେ ପୁରାଣ-ଶାସ୍ତ୍ର ତଥା ବିଭିନ୍ନ ମତବାଦ ମଧ୍ୟରେ ଆଗୋଳି ହୋଇ ରହିଅଛି ତାହା ନୁହେଁ। ଓଡ଼ିଆଣା ଲୋକାଚାରରେ ମଧ୍ୟ ଏହି ଭାବ ମହକିତ ହୋଇ ଉଠିଛି। ସରଳ ଗ୍ରାମ୍ୟ ଜନତା ଶାସ୍ତ୍ରର ଭେଦକୁ ବୁଝେନି ସେ ବୁଝେ ପ୍ରତିପ୍ରାଣ-ପୁଲକିତ ଭାବ-ପ୍ରଖରତାକୁ। ଜଗନ୍ନାଥ ତା'ର ଇଷ୍ଟ। ସୁଖଦୁଃଖର ସାଥୀ ଓ ସମଭାଗୀ। ତାକୁ ନେଇ ସେ କେତେ ଗୀତ ଗାଇ ଉଠିଛି। "*ମଦନମୋହନ/ କରୀନ୍ଦ୍ର ଦନ୍ତପଲଙ୍କ ତେଜି ପ୍ରଭୁ ନରେନ୍ଦ୍ର ଗମନ/ ବୈଶାଖ ଶୁକଳ ତୃତୀୟାରେ ପ୍ରଭୁ ଚଢ଼ି ଅପୂର୍ବ ବିମାନ/ ଶ୍ରୀବଡ଼ଦେଉଳୁଂ ବଡ଼ଦାଣ୍ଡେ ବିଜେ ସଙ୍ଗେ ଘେନି ତ୍ରିଲୋଚନ/ ଛତ୍ରତ୍ରାସ ପଖା ଆଲଟ ଚାମର ମେଘଡ଼ମ୍ବର ଶୋଭନ/ ଘଣ୍ଟ କାହାଳ ମର୍ଦ୍ଦଳ ବୀଣା ବାଜେ ଚମକେ ଇନ୍ଦ୍ରଦ୍ୟୁମନ/ ବିମାନୁ ଉତୁରି 'ବଂଶୀଧାରୀ' ଚାପେ କଲେ ବେହରଣ/ କାତ କେଲୁଆର ଧରି କଇବ୍ରତ ଚାପ ବାହେ ଘନଘନ।"/ "ଏ ଆଷାଢ଼ ମାସେ ସଖି ମେଘ ଘଡଘଡି/ ବାହାରିଲେ ପ୍ରଭୁ ଯେ ନନ୍ଦିଘୋଷ ଚଢ଼ି/ ନନ୍ଦିଘୋଷ ରଥେ ଯେ 'ନନ୍ଦେରି ନନ୍ଦନ'/ ତାଳଧ୍ୱଜ ରଥେ ଭାଇ ତ ବଳରାମ/ ଦେବୀ ରଥେ ଚଢ଼ିଣ ସୁଭଦ୍ରା ଗୁଣ୍ଡିଚା ଗମନ ଲୋ"/ "ସପତଣୀ ନୁହେଁ ମୁଁ ଗୋ ଜନକ ଦୁଲଣୀ/ ଗୋପପୁରେ ଅଛି ଯେ ଚନ୍ଦ୍ର ସପତଣୀ/ ରାଧିକା ମାନଭଞ୍ଜା କଲେଜ ' ଶିରୀପତି'/ 'ବଡ଼ଦେଉଳେ ' ପଶିଲେ ଯେ ବରଷାରେ ତିନ୍ତି।'*

ମହାକବି ସାରୋଳାଦାସ ତଦୀୟ ମହାଭାରତର ହରିପର୍ବରେ (ମୁଷଳୀପର୍ବ) ସଂଘଟିତ ହୋଇଥିବା କୃଷ୍ଣଙ୍କ ତିରୋଭାବ ପ୍ରସଙ୍ଗ ସହ ଜଗନ୍ନାଥ-ଉପାଖ୍ୟାନକୁ ସଂପୃକ୍ତ କରିଛନ୍ତି। ନୀଳମାଧବ, ଇନ୍ଦ୍ରଦ୍ୟୁମ୍ନ, ବସୁଶବର,ଗାଲମାଧବ ଆଧାରିତ କିମ୍ବଦନ୍ତୀକୁ ମହଭାରତୀକରଣ କରି ଲୌକିକ ମର୍ଯ୍ୟାଦାକୁ ଶାସ୍ତ୍ରୀୟ ଗୌରବ ପ୍ରଦାନ କରିବାରେ ତାଙ୍କ ସଦ୍ୟୁଦମ ପ୍ରଣିଧାନ ଯୋଗ୍ୟ। *ନ ପୋଡ଼ି ଅର୍ଜୁନ ବୋଲି ଶୁଭିଲା ସ୍ୱର୍ଗବାଣୀ/ କୋଳକରି ନେଇ ପକାଇଲା ସିନ୍ଧୁପାଣି/ ସେ ପିଣ୍ଡ*

DOI: 10.70541/BAGEESHA/2025030302
VOL NO 03 ISSUE NO 03

*କଳିଯୁଗରେ ହୋଇବ ହଦେ ପୂଜା/ ଶୁଣି ବିସରିଲା ଇନ୍ଦ୍ରଦ୍ରୁମନ ମହାରାଜା XXX ବ୍ୟାସଙ୍କର ଅଗ୍ରତେ ଯେ ଜୁଢେଷ୍ଟି କହିଲେ/ ଶ୍ରୀକୃଷ୍ଣଙ୍କ ପିଣ୍ଡ ଯେ ଅର୍ଜୁନ ଦହିଲେ/ ଆକାଶର ବାଣୀ ଶୁଣି ପକାଇଲା ଜଳେ/ ସେ କେମନ୍ତ ହୋଇବ ହେ କହତ ସର୍ବକାଳେ/ ବ୍ୟାସ ବୋଇଲେ ତୁମ୍ଭେ ଶୁଣ ହୋ ଧର୍ମରାୟେ/ ସେ କୃଷ୍ଣର ଶରୀର ଅଟଇଟି ଅକ୍ଷୟେ/ ଯେବଣ ଜାରାଶବର କଲା ଶସ୍ତ୍ରଘାତ/ ତାହାକାଇଂ ଅନୁଗ୍ରହ କଲେକ ଜଗନ୍ନାଥ/ ପ୍ରସନ୍ନ ହୋଇଣ ଯେ ବୋଇଲେ ଦେବରାଜା/ ଯେ ପିଣ୍ଡ ନେଇଣ ତୁ କରସି ଆମ୍ଭନ୍ତ ପୂଜା/ ସ୍ୱପନ ଚେତିଣ ଯେ ଉଠଇ ଶବର/ ଦେଖଇ ମାଧବରୂପ ସ୍ବାମୀ ଶଙ୍ଖ ଚକ୍ରଧର XXX/ ଏ ସମୟେ ପ୍ରବେଶିଲେ ପ୍ରଭୁ ଚକ୍ରଧର/ ଦେବଗଣଙ୍କ ମଧ୍ୟରେ ଯାଇଣ ବସିଲେ/ ସମସ୍ତଙ୍କୁ ଚାହିଁ ପ୍ରଭୁ ଏମନ୍ତ କହିଲେ/ ଯାଉଅଛୁ ଆଜି ଆମ୍ଭେ ଶ୍ରୀନୀଳକନ୍ଦରେ/ ପୂଜା ଘେନିବୁ ସେଠାରେ କଳିଯୁଗରେ।*

ତେଣୁ ଜଗନ୍ନାଥ-ଧର୍ମର ଉଦ୍ଭବ ବିକାଶକୁ ଲକ୍ଷ୍ୟକଲେ ଜ୍ଞାତ ହେବ ଯେ ଜଗନ୍ନାଥ; ମାଧବ ଉପାସନା ସୃଷ୍ଟ ନିରାକାର ଚେତନା-ଦୀପ୍ତ, ହସ୍ତ-ପଦ-କର୍ଣ ଶୂନ୍ୟ ବ୍ରହ୍ମ ମୂରତି। ତାଙ୍କଠାରେ ଯେତେ ଧର୍ମ ଧାରଣା ଆରୋପିତ ହେଇଥାଉନା କାହିଁକି ବିଷ୍ଣୁତ୍ୱ ହିଁ ଏହାର ମଞ୍ଜରିତ ଆଧାର ବୀଜ। ଓଡ଼ିଆ କବିମାନଙ୍କ କୃଷ୍ଣାଧାରିତ କାବ୍ୟର ନାୟକ ହେଉଛନ୍ତି ଶ୍ରୀଜଗନ୍ନାଥ। ଯେହେତୁ ସେହି ସମୟ ବେଳକୁ କୃଷ୍ଣଙ୍କୁ ସାକ୍ଷାତ ବିଷ୍ଣୁ (*ଏତେଚାଂଶଃ କଳାପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟଂ। ଇନ୍ଦ୍ରାରି ବ୍ୟାକୁଳମ୍ ଲୋକଂ ମୃଡୟନ୍ତି ଯୁଗେଯୁଗେ।। ସଂ.ଭାଗବତ: ୧/୩/୨୮*) ଭାବେ ସଂସ୍କୃତ ଭାଗବତ ପ୍ରତିଷ୍ଠା ଦେଇ ସାରିଥିଲା ଏବଂ କୃଷ୍ଣ; ମହାବିଷ୍ଣୁ-ଶ୍ରୀଜଗନ୍ନାଥଙ୍କ ଷୋଳକଳାରୁ ଏକକଳାର ଅଧିକାରୀ ହୋଇଥିଲେ ହେଁ ସେହି ଗୋଟିଏ କଳାକୁ ନିଜର ଦିବ୍ୟ ଅଂଶାବତାର ଲୀଳା ମାଧ୍ୟମରେ ଷୋଳକଳାରେ ପରିଣତ କରିପାରି ଥିଲେ (*ଜଗନ୍ନାଥ ଯେ ଷୋଳକଳା। ତହୁଁ କଳାଏ ନନ୍ଦ ବଳା।। କଳାକୁ ଷୋଳକଳା କରି। ଗୋପେ ବିହରେ ନରହରି।। ରହସ୍ୟ ମଞ୍ଜରୀ: ଦେବଦୁର୍ଲଭ ଦାସ*) ବୋଲି କଥିତ ଅଛି। ତେଣୁ କୃଷ୍ଣ ଓ ଜଗନ୍ନାଥଙ୍କ ମଧ୍ୟରେ ଅଭେଦତ୍ୱ ପରିକଳ୍ପନା ସ୍ୱାଭାବିକର ବିଷୟ। ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀରେ ଦ୍ୱୈତବାଦ ଓ ଭକ୍ତିଯୋଗର ବିଶିଷ୍ଟ ତତ୍ତ୍ୱାବଧାରକ ଗୋସ୍ୱାମୀ ନିମ୍ବାର୍କ ଓଡ଼ିଶା ଆଗମନ କରି ଭକ୍ତିଧର୍ମର ପ୍ରଚାର ପ୍ରସାର କରିବା ସହ ରାଧାକୃଷ୍ଣ ଉପାସନାକୁ ଗୁରୁତ୍ୱାରୋପ କଲେ। ଓଡ଼ିଶାରେ ପୂଜିତ ମୁରଲୀ ମନୋହର ଗୋପୀବଲ୍ଲଭ କୃଷ୍ଣ , ରାଧାବଲ୍ଲଭ ଭାବେ ଆରାଧିତ ହେବାକୁ ଲାଗିଲେ। ଜଗନ୍ନାଥଙ୍କୁ କୃଷ୍ଣାୟିତ କରିବାରେ ଅଧିକ ପ୍ରାଧାନ୍ୟ ଦିଆଗଲା। ନିମ୍ବାର୍କ-ପନ୍ଥାବଲମ୍ବୀ ମହାକବି ଜୟଦେବ ରାଧାକୃଷ୍ଣ ପ୍ରଣୟ ମୂଳକ ଶୃଙ୍ଗାରୀ-କାବ୍ୟ 'ଗୀତଗୋବିନ୍ଦ' ରଚନା କରି ପ୍ରେମଭକ୍ତିର ସୁଧାମୟ ଧାରାକୁ ସାରା ଭାରତବର୍ଷରେ ବିସ୍ତାରିତ କରାଇଲେ। ଗୀତଗୋବିନ୍ଦର ନାୟକ ଶିରୋମଣି ଶ୍ରୀଜଗନ୍ନାଥ। ଏହାର କାନ୍ତା-ସମ୍ମିତ ଲଳିତ-ପଦାବଳୀର ମଧୁର ମୂର୍ଚ୍ଛନାକୁ ନ ଶୁଣିଲେ ଜଗନ୍ନାଥଙ୍କୁ ନିଦ୍ରା ଆସେନି। ସେ ଗୋପୀ ବଦନାମ୍ବୁଜ ନିସୃତ ସୁଧା ପିପାସୁ ଲୋଲୁପ ମଧୁପାୟୀ (*ମୁଦାଭିରୀନାରୀ ବଦନ କମଳାସ୍ୱାଦ ମଧୂପ; ଶଙ୍କରାଚାର୍ଯ୍ୟ / ଶ୍ରୀଚୈତନ୍ୟ(?)କୃତ ଜଗନ୍ନାଥାଷ୍ଟକମ୍*) ତ ପୁଣି ସ୍ମରର କାମ ଗରଳରୁ ତ୍ରାଣ ପାଇବା ପାଇଁ ରାଧାଙ୍କ ପଦପଲ୍ଲବକୁ ନିଜ ମସ୍ତକରେ ଧାରଣ କରିବାକୁ ବ୍ୟାକୁଳ ପ୍ରେମିକଶ୍ରେଷ୍ଠ ରସରାଜ (ସ୍ମରଗରଳ ଖଣ୍ଡନମ୍ ମମ ଶିରସି ମଣ୍ଡନମ୍ ଦେହୀ ପଦପଲ୍ଲବମୁଦାରମ୍; ଜୟଦେବକୃତ ଗୀତଗୋବିନ୍ଦ)।

ଉତ୍କଳୀୟ ଜ୍ଞାନମାର୍ଗୀ ବୈଷ୍ଣବଙ୍କ କ୍ଷେତ୍ରରେ ଗୌଡୀୟ ଭାବଧାରାର ରାଧାକୃଷ୍ଣଙ୍କ ପରକୀୟା ଅପ୍ରାକୃତ ପ୍ରେମଲୀଳାର୍ଚ୍ଚନା ଅସହ୍ୟ ହୋଇପଡିଥିଲେ ହେଁ, ଚୈତନ୍ୟଙ୍କ ସମ୍ମୋହନରେ ସଭିଏଁ ପ୍ରେମଭକ୍ତିର ମହାମ୍ବୋଧିରେ ଅବଗାହନ କଲେ। ପାରମ୍ପରିକ ଉତ୍କଳୀୟ ବୈଷ୍ଣବ ସାଧକଗଣ ଯନ୍ତ୍ର-ତନ୍ତ୍ର-ମନ୍ତ୍ର ଓ ପିଣ୍ଡ ବ୍ରହ୍ମାଣ୍ଡ ଆଦି ଯୋଗାଚାରଣ (*ଯନ୍ତ୍ରତନ୍ତ୍ରମନ୍ତ୍ରଚୈବ ଛାୟା ଜ୍ୟୋତିଅବାଡକମ୍, ହଜ ସମାଧି ରସଗୁଣଂ ଚ ଯଃ ଜାନାତି ସଃ ବୈଷ୍ଣବଃ*) ସହିତ ଜଗନ୍ନାଥଙ୍କୁ କୃଷ୍ଣକରି ନବଧା ଭକ୍ତିର (*ଶ୍ରବଣକୀର୍ତ୍ତନଂ ବିଷ୍ଣୁଂ ସ୍ମରଣଂପାଦସେବନମ୍ , ଅର୍ଚ୍ଚନବନ୍ଦନଂ ଦାସ୍ଯଃ ସଖାତ୍ମନଃ ନିବେଦନମ୍*) ଦିବ୍ୟସୁଧା ପାନ କରିବାକୁ ଲାଗିଲେ। ଜଗନ୍ନାଥ ଦାସଙ୍କ ଭାଗବତରେ ଉତ୍କଳୀୟ-ବୈଷ୍ଣବ-ଭାବାଦର୍ଶ ପ୍ରଖ୍ୟାପନର ସୁପ୍ରତୁଳ ଅବସର ରହିଥିଲେ ମଧ ପ୍ରେମ ଓ ଭକ୍ତିର ବଡ଼ିମା ଭାଗବତରେ ଯେ ଯଥା ସମ୍ଭବ ନିର୍ଜିତ ହୋଇଅଛି ଏହା ସୁଦୃଶ୍ୟ। ଭାଗବତର ଏକାଦଶ ସ୍କନ୍ଧ ଶେଷରେ ଭକ୍ତିକୁ ବିଶେଷ ପ୍ରାଧାନ୍ୟ (*ଭକତି କୃଷ୍ଣ ପାଦେ ଲଭ। ମନୁଷ୍ୟ ଜନ୍ମର ଏ ଲାଭ।।*) ଦେଇ ଭକ୍ତକବି ବ୍ରହ୍ମଲୀନ ହୋଇ ଯାଇଛନ୍ତି। ଓଡ଼ିଆ ଭକ୍ତି ସାହିତ୍ୟରେ କୃଷ୍ଣଙ୍କୁ ଜଗନ୍ନାଥୀ କରଣର ଯେଉଁ ପ୍ରଯତ୍ନ ସାରୋଳଦାସଙ୍କ ଦ୍ୱାରା (*ଶ୍ରୀଯମେଶ୍ୱର ମହାଲିଙ୍ଗ ମଉଦଧିର ଉତ୍ତର ତଟେ/ ନୀଳସୁନ୍ଦର ପର୍ବତ ନୀଳ କଳ୍ପବଟ// ବିଜୟେ ରାମକୃଷ୍ଣ ସୁଭଦ୍ରା ନାମେ ବ୍ରହ୍ମା / ଚରିଶତ ବତିଶ ସହସ୍ର ବରଷକୁ ଯୋଗ ଲୟେ ମହାତମା // ଆଦିପର୍ବ: ସାରୋଳ ମହାଭାରତ*) ଆରମ୍ଭ ହୋଇ ଭକ୍ତିଧର୍ମର କ୍ଷୁଦ୍ର ବୀଜ-ବପନ ହୋଇଥିଲା ପଞ୍ଚସଖା କାଳରେ (*ଶ୍ରୀହରିବଂଶ ପୁରାଣ ମୋତେ ସେହୁ ଦେଲେ/ ଆପଣେ ଶ୍ରୀଜଗନ୍ନାଥ ମୁଖେ ଆଜ୍ଞା କଲେ// ହରିବଂଶ ପୁରାଣ: ଅଚ୍ୟୁତାନନ୍ଦ ଦାସ) ତାହା ପଲ୍ଲବିତ ହୋଇ ପରବର୍ତ୍ତୀ ସମୟକୁ ଏହା ମହାଦ୍ରୁମରେ ପରିଣତ ହେଲା। ଷୋଡ଼ଶ ଶତକରେ ଜଗନ୍ନାଥ ଓ କୃଷ୍ଣଙ୍କ ମଧ୍ୟରେ ଯେଉଁ ଅଭେଦତ୍ୱ କଳ୍ପିତ ହୋଇଥିଲା ତାହାର ବର୍ଣ୍ଣନା ଶ୍ରୀଚୈତନ୍ୟ-ପଞ୍ଚସଖା-କାଳୀନ କବି କହ୍ନାଇ ଖୁଣ୍ଟିଆଙ୍କ ରଚନାରେ ମଧ ଦେଖିବାକୁ ମିଳିଥାଏ। କେବଣ ଦେବତା ସେହୁ ଦେବ ଜଗନ୍ନାଥ/ କେବଣ ଭାବେ ଶ୍ରୀକୃଷ୍ଣ ଅଙ୍ଗକୁ ପ୍ରାପତ/ ନାହିଁ ଯେଣୁ ତ୍ରିଭଙ୍ଗିମା ଅଧରେ ମୁରଲୀ/ ନାହିଁ ବୃନ୍ଦାବନ ଧାମ ରାଧାନାଥ ବୋଲି/ କେବଣ ଭାବରେ ପ୍ରଭୁ ହେଲ ଜଗନ୍ନାଥ/ ଏଥିକୁ ସଂଶୟ ଅଛି ମୋରଟି ବହୁତ। (ଶ୍ରୀମହାଭାବପ୍ରକାଶ: କହ୍ନାଇ ଖୁଣ୍ଟିଆ )*

ପଞ୍ଚସଖା ପରବର୍ତ୍ତୀ କାଳୀନ ରୀତି ଯୁଗୀୟ କବିଗଣ ସଂସ୍କୃତ ସାହିତ୍ୟକୁ ଆଦର୍ଶ (*ଘେନ ନୈଷଧ ପରାଏ/ ଉପଇନ୍ଦ୍ର କହେ ବୁଧ ପ୍ରମୋଦ କରାଏ।। କୋଟିବ୍ରହ୍ମାଣ୍ଡ ସୁନ୍ଦରୀ:*

DOI: 10.70541/BAGEESHA/2025030302
VOL NO 03 ISSUE NO 03

*ଉପେନ୍ଦ୍ର ଭଞ୍ଜ*) କରି ସ୍ୱ ସ୍ୱ କାବ୍ୟାଭିପ୍ରାୟ ପ୍ରକଟ କଲେ। ପୁରାଣ ରଚନାର ପର୍ବ ପ୍ରାୟଶଃ ସଙ୍କୁଚିତ ହେବାକୁ ଲାଗିଲା। ଉତ୍କଳର ଅନାଳଙ୍କାରିକ ସରଳ ସୁବୋଧ ତଥା ସ୍ୱଚ୍ଛନ୍ଦ ଗତିରେ ପ୍ରବହମାନ ବିମୁକ୍ତ ଭାଷା-ସ୍ରୋତସ୍ୱିନୀ, ସଂସ୍କୃତର ଶୁଷ୍କ ବନ୍ଧୁର କଙ୍କରିଳ ଗଡଖାଇରେ ନିଜ ଆଙ୍ଗିକ କଳେବରକୁ ସସୀମିତ କଲା। ବିଶେଷତଃ ପୁରାଣର କୌଣସି ଆଖ୍ୟାନ ତଥା ନିର୍ଦ୍ଦିଷ୍ଟ କଥାବସ୍ତୁକୁ ଆଧେୟ କରି ( ସୁଭଦ୍ରା ପରିଣୟ: ଉପେନ୍ଦ୍ର ଭଞ୍ଜ, ସୁଲକ୍ଷଣା: ଅଭିମନ୍ୟୁ ସାମନ୍ତ ସିଂହାର, ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର: ଯଦୁମଣି ମହାପାତ୍ର, ପଦ୍ମାବତୀ ପରିଣୟ: ନିଶଙ୍କରାୟ ରାଣୀ ଇତ୍ୟାଦି ) ରୀତିକାଳ କବି କାବ୍ୟ ରଚନାରେ ବ୍ରତତୀ ହେଲେ। ରାମ-କୃଷ୍ଣ ଜୀବନାୟନକୁ ନେଇ ଅନୁପମ ଆଳଙ୍କାରିକ ଛନ୍ଦୋବଦ୍ଧ କାବ୍ୟ ରଚିତ ହେବାକୁ ଲାଗିଲା। ମାତ୍ର ଜଗନ୍ନାଥ ସବୁଠି ପ୍ରକଟିତ ହୋଇଛନ୍ତି। ବୈଷ୍ଣବ କାବ୍ୟ-ଭାଷାର ପ୍ରଚ୍ଛନ୍ନ ନାୟକ ହେଉଛନ୍ତି ଶ୍ରୀଜଗନ୍ନାଥ (*କର ସାଧୁଜନ ମନକୁ ଏକ/ କର ଧୀରେ ଧ୍ୟାନ ନୀଳାଚଳ ନାୟକ XXX କଳାପର୍ବତରେ ଲୀଳା କରି ଅନେକ/ କଲେ ଇଚ୍ଛା ମନେ ହେବା କଂସ ଅନ୍ତକ॥ XXX କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ / କରନ୍ତି ପୂର୍ଣ୍ଣ ଜନ ମନୋରଥ ॥ କଲି ମୁଁ ଏହି ଘେନି ଅଭିମତ / କରିବାକୁ ରସକଲ୍ଲୋଳ ଗୀତ ॥ କହିଲେ ସେ ଯେଣୁ / କରରେ ମାତ୍ର ଲେଖିଲି ମୁଁ ତେଣୁ॥ ରସକଲ୍ଲୋଳ: ଦୀନକୃଷ୍ଣ ଦାସ*) କେବଳ ପୌରାଣିକ କାବ୍ୟୋପାଖ୍ୟାନରେ କାହିଁକି ଅପିତୁ କାଳ୍ପନିକ କାବ୍ୟରେ ମଧ୍ୟ ଜଗନ୍ନାଥ ପ୍ରବେଶ କରିଛନ୍ତି। ଉପେନ୍ଦ୍ରଙ୍କ 'ରସିକ ହାରାବାଳୀ ' କାବ୍ୟ ଏହାର ପ୍ରକୃଷ୍ଟ ଉଦାହରଣ। ଏହାର କାହାଣୀ ସଂଯୋଜନା ଏହିପରି: "ମଳୟ ପର୍ବତରେ ଇନ୍ଦ୍ର ସ୍ୱର୍ଗ ଅପସରୀଗଣଙ୍କ ମଧ୍ୟରେ ବିଜେ କରି ନାରଦଙ୍କ ବୀଣା ଝଙ୍କାର ଓ ଉର୍ବଶୀଙ୍କ ଦ୍ୱାରା କେଦାର ରାଗରେ ଗାନ କରାଯାଉଥିବା ସଙ୍ଗୀତକୁ ମନଃଯୋଗ ପୂର୍ବକ ଶୁଣୁଥିବା ବେଳେ, ଇନ୍ଦ୍ରଙ୍କ ଚାମର ସେବାରେ ନିୟୋଜିତ ଥିବା ଏକ ବିଦ୍ୟାଧର ଉର୍ବଶୀଙ୍କୁ ଦେଖି କାମ ବାସନାରେ ମୋହାବିଷ୍ଟ ହୋଇପଡ଼ିଲା। ଇନ୍ଦ୍ର ଏହା ଜାଣିପାରି କ୍ରୋଧରେ ପୃଥିବୀରେ ଜନ୍ମିବା ପାଇଁ ବିଦ୍ୟାଧରକୁ ଶାପ ପ୍ରଦାନ କଲେ। ଅଭିଶାପରୁ ମୁକ୍ତି ପାଇବା ନିମନ୍ତେ ପ୍ରାର୍ଥନା କରିବାରୁ ଇନ୍ଦ୍ର ଅଭିଶାପକୁ କେତେକାଂଶରେ କୋହଳ କରି ନିର୍ଦ୍ଦେଶ କଲେ ଯେ ଉତ୍କଳରେ ଜନ୍ମଲାଭ କରି ପୁରୁଷୋତ୍ତମସ୍ଥ ବିଷ୍ଣୁଙ୍କୁ ଉପାସନା କରିବା ସହ ପୃଥିବୀରେ ନିଜ ବଂଶ ରଖିଲା ଉତ୍ତାରେ ସ୍ୱର୍ଗକୁ ଫେରିଆସିବ। ଏହାପରେ ବିଦ୍ୟାଧର ଓ ତାହାର ପତ୍ନୀ ପୁରୁଷୋତ୍ତମରେ ବାସକଲେ ଏବଂ ବିମଳାଙ୍କ ବର ଲାଭରେ କନ୍ୟା ସନ୍ତାନ ଲାଭକଲେ। ଯେଉଁ କନ୍ୟା ରସିକ ହାରାବଳୀ ଭାବେ ରୂପ-ଯୌବନ, ଗୁଣ-ଗରିମାରେ ବିଖ୍ୟାତ ହେଲା। କୋଶଳ ରାଜକୁମାର ତାହା ପ୍ରତି ଆକୃଷ୍ଟ ହେଲେ। ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରାରେ ଦୁହେଁ ପରସ୍ପରର ସାକ୍ଷାତ ହେବା ଏବଂ ବିବାହ ବନ୍ଧନରେ ବାନ୍ଧି ହେବା ବିଷୟ ଆଦି ଜଗନ୍ନାଥଙ୍କୁ କେନ୍ଦ୍ରକରି ଗଢି ଉଠିଛି। (*କୃପାବଶେ ବୋଇଲେ ଉତ୍କଳେ ଜନ୍ମ ହୋଇ I/ କ୍ଷେତ୍ରରାଜେ ବହୁକାଳ ବିଷ୍ଣୁ ସେବ ତୁହି // XXX ବ୍ରାହ୍ମଣୀ କହେ ମାଧବ-ମାସେ ହୋଏ ମାଧବ ଚନ୍ଦନ ଉତ୍ସବ/ ମଣୁଛି ସେ ଯାତ୍ରା ପ୍ରାବୃଟ ତୁମ୍ବର ଆଶା ଚାତକକୁ ତୋଷିବ XXX ଯେଉଁ କ୍ଷେତ୍ରରାଜ ବିରାଜମାନ ଗରୁଡ଼ ଧ୍ୱଜେ/ ଶ୍ରବଣେ ଚରିତ ତୁରିତ ଜନ ଦୂରିତ ଗଞ୍ଜେ// (ରସିକ ହାରାବଳୀ: ଉପେନ୍ଦ୍ର ଭଞ୍ଜ*)

ନିରବଧି କାଳରୁ ପୁରୁଷୋତ୍ତମ ଜଗନ୍ନାଥ ପ୍ରତିଟି ଓଡ଼ିଆଙ୍କ ଜଗତ୍ ଓ ଜୀବନ ସହିତ ନିର୍ବିକଳ୍ପ ଭାବେ ନିର୍ଲିପ୍ତ। କି ଧନୀ କି ନିର୍ଧନ ସେ ସଭିଙ୍କ ଆତ୍ମୀୟ ଆପଣାର, ସୁଖଦୁଃଖ, ଭଲମନ୍ଦର ସାଥି। ସେ ଶାସ୍ତ୍ରରେ ସେ ସ୍ମୃତିରେ, ସେ ସଂସ୍କୃତିରେ ସେ ସୃଜନୀରେ, ସେ ଚିନ୍ତାରେ ସେ ଚେତନାରେ, ସେ ସୃଷ୍ଟିରେ ସେ ସାଧନାରେ, ସେ ଭାବରେ ସେ ଭକ୍ତିରେ, ସବୁଠାରେ ତାଙ୍କ ଉପସ୍ଥିତିର ପ୍ରଗାଢ ମହିମା ପ୍ରତିଟି ଓଡ଼ିଆ ଛତ୍ରେଛତ୍ରେ ଅନୁଭବ କରେ। ସଚେତ ଭାବରେ ଯେତେ ଚେଷ୍ଟା କରାଯାଉ ନା କାହିଁକି ଜଗନ୍ନାଥ ରୂପୀ ଦିବ୍ୟ-ଚେତନାର ଏରୁଣ୍ଡି ଏଡିଯିବା ଅସାଧ୍ୟ ଅଟେ।

---

**ଉପସଂହାର**: ନିରବଧି କାଳରୁ ପୁରୁଷୋତ୍ତମ ଜଗନ୍ନାଥ ପ୍ରତିଟି ଓଡ଼ିଆଙ୍କ ଜଗତ୍ ଓ ଜୀବନ ସହିତ ନିର୍ବିକଳ୍ପ ଭାବେ ନିର୍ଲିପ୍ତ। କି ଧନୀ କି ନିର୍ଧନ ସେ ସଭିଙ୍କ ଆତ୍ମୀୟ ଆପଣାର, ସୁଖଦୁଃଖ, ଭଲମନ୍ଦର ସାଥି। ସେ ଶାସ୍ତ୍ରରେ ସେ ସ୍ମୃତିରେ, ସେ ସଂସ୍କୃତିରେ ସେ ସୃଜନୀରେ, ସେ ଚିନ୍ତାରେ ସେ ଚେତନାରେ, ସେ ସୃଷ୍ଟିରେ ସେ ସାଧନାରେ, ସେ ଭାବରେ ସେ ଭକ୍ତିରେ, ସବୁଠାରେ ତାଙ୍କ ଉପସ୍ଥିତିର ପ୍ରଗାଢ ମହିମା ପ୍ରତିଟି ଓଡ଼ିଆ ଛତ୍ରେଛତ୍ରେ ଅନୁଭବ କରେ। ସଚେତ ଭାବରେ ଯେତେ ଚେଷ୍ଟା କରାଯାଉ ନା କାହିଁକି ଜଗନ୍ନାଥ ରୂପୀ ଦିବ୍ୟ-ଚେତନାର ଏରୁଣ୍ଡି ଏଡିଯିବା ଅସାଧ୍ୟ ଅଟେ।

## ସହାୟକ ଗ୍ରନ୍ଥସୂଚୀ:

୧) ଦାସ, ନୀଳକଣ୍ଠ। ୨୦୧୧। ଓଡ଼ିଆ ସାହିତ୍ୟର କ୍ରମପରିଣାମ। କଟକ: ଗ୍ରନ୍ଥ ମନ୍ଦିର।

୨) ସେନାପତି, ଫକୀରମୋହନ(ଅ)। ୧୮୮୨। ଶ୍ରୀମଦ୍ଭାଗବତ ଗୀତା। ବାଲେଶ୍ୱର ।

୩) ଶ୍ରୀମଦ୍ଭାଗବତ ଗୀତା। ୨୦୦୭। ଗୁରୁଧାମ: ହିନ୍ଦୀ ପ୍ରକାଶନୀ ସମିତି।

୪) ପଟ୍ଟନାୟକ, ଅରବିନ୍ଦ। ୨୦୦୬। ଲୋକ ସାହିତ୍ୟ। ଭୁବନେଶ୍ୱର: ସରସ୍ୱତୀ ପ୍ରକାଶନୀ।

୫) ମହାପାତ୍ର, ଚକ୍ରଧର। ୧୯୭୧। ଉତ୍କଳ ଗାଉଁଲି ଗୀତ। କଟକ: ସରସ୍ୱତୀ ମହାନ୍ତି।

୬) ମହାନ୍ତି ଆର୍ତ୍ତବଲ୍ଲଭ(ସଂ)। ସାରଳା ମହାଭାରତ ଭାଗ-୧୫। ଭୁବନେଶ୍ୱର: ସାଂସ୍କୃତିକ ବ୍ୟାପାର ବିଭାଗ, ଓଡ଼ିଶା ସରକାର।

୭) ମହାନ୍ତି, ଆର୍ତ୍ତବଲ୍ଲଭ(ସଂ)। ୧୯୬୫। ରହସ୍ୟ ମଞ୍ଜରୀ। କଟକ: ପ୍ରାଚୀ ପ୍ରକାଶିନୀ।

୮) ମିଶ୍ର, ନୀଳମଣି(ସଂ)। ୨୦୧୦। ଶ୍ରୀଗୀତଗୋବିନ୍ଦ।

DOI: 10.70541/BAGEESHA/2025030302
VOL NO 03 ISSUE NO 03

କଟକ: ଗ୍ରନ୍ଥ ମନ୍ଦିର।

୯) ମହାନ୍ତି ଆର୍ତ୍ତବଲ୍ଲଭ(ସଂ)। ୧୯୫୭ । ସାରଳା ମହାଭାରତ (ଭାଗ-୧୫)। ଭୁବନେଶ୍ୱର: ସାଂସ୍କୃତିକ ବ୍ୟାପାର ବିଭାଗ, ଓଡ଼ିଶା ସରକାର।

୧୦) ସପ୍ତଖଣ୍ଡ ହରିବଂଶ(ପ୍ରଥମ ଖଣ୍ଡ)। ୧୯୮୪। କଟକ: ଧର୍ମଗ୍ରନ୍ଥ ଷ୍ଟୋର।

୧୧) ମହାଭାବ ପ୍ରକାଶ। ୧୯୭୫। କଟକ: ନିତ୍ୟାନନ୍ଦ ପୁସ୍ତକାଳୟ।

୧୨) ମହାନ୍ତି, ଆର୍ତ୍ତବଲ୍ଲଭ (ସଂ)। ୧୯୫୩। ରସକଲ୍ଲୋଳ। କଟକ: ପ୍ରାଚୀ ସମିତି।

୧୩) ସାମନ୍ତ, କମ୍ବୁପାଣି(ସଂ)। ୨୦୨୦। ରସିକ ହାରାବଳୀ। କଟକ: ଓଡ଼ିଶା ଗବେଷଣା ପରିଷଦ।

## Funding
No funding was received for conducting this study.

## Does this Article screened for similarity?
Yes

## Conflict of interest
The Author has no conflicts of interest to declare that they are relevant to the content of this Article.

## About the licenses
© **Pritam Rout** 2025. The text of this Article is open access and licensed under a Creative Commons Attribution 4.0 International license

## Cite this Article :
Rout, Pritam, "Jatiya Jibanare Jaganatha Chetanara Abadha Prabesikaranara Bibhirna Diga: Sadrustaanta Bimarsa", Bageesha, Vol. No. 03, Issue No. 03, May-June 2025, Article No: BM2025/03-A002| Page- 16-20| DOI: https://doi.org/10.70541/BAGEESHA/2025030302